# କେନ୍ଦୁଝର : କରୋନା ପାଇଁ ଚଳିତ ବର୍ଷ କେନ୍ଦୁଝରର ରାଷ୍ଟ୍ର ଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ରଥଯାତ୍ରା ବନ୍ଦ

ମହାମାରୀ କରୋନା ଭାଇରସ୍ (କୋଭିଡ୍-୧୯) ସଂକ୍ରମଣ ଦିନକୁ ଦିନ ବଢି ଚାଲିଥିବା ବେଳେ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଚଳିତ ବର୍ଷ କେନ୍ଦୁଝରର ରାଷ୍ଟ୍ର ଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ରଥଯାତ୍ରା ବନ୍ଦ ରହିବ । ବିଶ୍ୱର ସର୍ବ ବୃହତ କାଠନିର୍ମିତ ରଥ କେନ୍ଦୁଝର ବଡଦାଣ୍ଡରେ ଗଡିବ ନାହିଁ ।

ସଂପ୍ରତି ମହାମାରୀ କରୋନା ସମଗ୍ର ବିଶ୍ୱରେ କାୟାବିସ୍ତାର କରିଥିବାବେଳେ ଓଡିଶାରେ ତଥା ଭାରତରେ କରୋନା ପ୍ରତିରୋଧ ପାଇଁ ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି ଏବଂ କଟକଣା ଜାରି କରିଛନ୍ତି । ତଥାପି କରୋନା ଭାଇରସ୍ ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଉଛି । ଧାର୍ମିକ ସମାବେଶ ଏବଂ ଧାର୍ମିକ ଅନୁଷ୍ଠାନମାନଙ୍କରେ ପ୍ରବେଶ/ପୂଜାର୍ଚ୍ଚନା ଉପରେ କଟକଣା ଜାରି କରାଯାଇଛି । ସବୁକ୍ଷେତ୍ରରେ ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହି ପରିପ୍ରେକ୍ଷୀରେ କରୋନା ମହାମାରୀର କ୍ରମବର୍ଦ୍ଧିଷ୍ଣୁ ସଂକ୍ରମଣର ପ୍ରତିରୋଧ ଏବଂ ସମ୍ଭାବ୍ୟ ସଂକ୍ରମଣରୁ ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ପ୍ରସଙ୍ଗକୁ ଆଧାର କରି ଶ୍ରୀ ଶ୍ରୀ ବଳଦେବଜୀଉ ବିଜେ କେନ୍ଦୁଝର ମନ୍ଦିରର ସେବାୟତ, ରାଜପୁରୋହିତ ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କର ପ୍ରସ୍ତାବକ୍ରମେ ଚଳିତ ବର୍ଷ କେନ୍ଦୁଝରଗଡ଼ଠାରେ ଚଳିତ ଜୁନ୍ ମାସ ୨୩ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ପ୍ରସିଦ୍ଧ ରଥଯାତ୍ରା ବନ୍ଦ ରହିବ । ଏତଦ୍‌ବ୍ୟତୀତ ପ୍ରାପ୍ତ ସୂଚନା ଅନୁଯାୟୀ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ମହାମାରୀ କରୋନା ସଂକ୍ରମଣ ଏଡାଇବା ନିମନ୍ତେ ଓଡିଶାର କୌଣସି ସ୍ଥାନରେ ରଥଯାତ୍ରା ହେବ ନାହିଁ ବୋଲି ସୂଚନା ମିଳିଛି ।

ଉପଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ,
ଦେବୋତ୍ତର, କେନ୍ଦୁଝର